# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 10 August – 2026

********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ୯ଟି ବିଭାଗ ପାଇଁ ଯୋଗ୍ୟ ବିବେଚିତ ୧ ହଜାର ୩୨୬ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କଲେ ମୁଖ୍ୟମନ୍ତ୍ରୀ
- ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରହିଥିଲା ସଂସଦର ଉଭୟ ସଦନ
- ରାଜ୍ୟରେ ସାର କଳାବଜାରୀକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ କ୍ରିୟାନୁଷ୍ଠାନ ଦଳ ମାଧ୍ୟମରେ କରାଯାଉଛି ଯାଞ୍ଚ; କହିଲେ ସମବାୟ ମନ୍ତ୍ରୀ

ଏବଂ

- ଜୈବ ବିବିଧତା ଓ ପରିବେଶ ସନ୍ତୁଳନରେ ସିଂହଙ୍କ ଗୁରୁତ୍ୱ ନେଇ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ସିଂହ ଦିବସ

HS

# ମୁଖ୍ୟମନ୍ତ୍ରୀ–ନିଯୁକ୍ତିପତ୍ର ବଣ୍ଟନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ୧ ହଜାର ୩୨୬ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ଭୁବନେଶ୍ୱର ରେଳ ପ୍ରେକ୍ଷାଳୟଠାରେ ଆୟୋଜିତ ରାଜ୍ୟସ୍ତରୀୟ ନିଯୁକ୍ତିମେଳାରେ ଶ୍ରୀ ମାଝୀ ନିଯୁକ୍ତିପତ୍ର ବଣ୍ଟନ କରିବା ସହ ସମାବେଶକୁ ସମ୍ବୋଧନ କରିଛନ୍ତି। ରାଜ୍ୟର ସମୃଦ୍ଧି ଏବଂ ସୁଶାସନ ପଥରେ ଯୁବଶକ୍ତି ସବୁଠାରୁ ବଡ଼ ସାମର୍ଥ୍ୟ ବୋଲି ଶ୍ରୀ ମାଝୀ ବର୍ଣ୍ଣନା କରିଛନ୍ତି। ସେମାନଙ୍କୁ ସ୍ୱପ୍ନ ଓ ନିଷ୍ଠା ହିଁ ନୂତନ ଓଡ଼ିଶାର ବିକାଶର ମାର୍ଗ ଉନ୍ମୁକ୍ତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ରାଜ୍ୟର ୯ଟି ବିଭାଗରେ ଯୋଗଦେବା ପାଇଁ ଏହି ପ୍ରାର୍ଥୀମାନେ ମନୋନୀତ ହୋଇଛନ୍ତି।

Engslish Pool

# ଏଲ୍‌ଏସ୍ ଆର୍‌ଏସ୍-ଆଡଜର୍ଣ୍ଣ

ନିଟ୍ ସମେତ ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀ ଦଳ ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନକୁ  ଦୁଇଟି ପର୍ଯ୍ୟାୟରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା ।  ଅପରାହ୍ନ ୨ଟାରେ

ଲୋକସଭା ଅଧିବେଶନ ପୁନଃ ଆରମ୍ଭ ହେବା କ୍ଷଣି ଟ୍ରିବ୍ୟୁନାଲ୍ସ ରିଫର୍ମସ ବିଲ୍ ଆଗତ ହୋଇଥିଲା। ଆଇନ ଓ ନ୍ୟାୟମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଏହି ବିଲ୍ ଆଗତ କରିଥିଲେ। ବିଭିନ୍ନ ଟ୍ରିବ୍ୟୁନାଲରେ କାର୍ଯ୍ୟଶୈଳୀର ଅଧିକ ସ୍ୱଚ୍ଛ ତଥା ନିଯୁକ୍ତି ସଂକ୍ରାନ୍ତ କେତେକ ସଂସ୍କାରମୂଳକ ପଦକ୍ଷେପ ନେଇ ଏହି ବିଲ୍‌ରେ ପ୍ରସ୍ତାବ ରହିଛି ବୋଲି ଶ୍ରୀ ମେଘୱାଲ କହିଥିଲେ। ଜାତୀୟ ଟ୍ରିବ୍ୟୁନାଲ କମିଶନ ଗଠନ ନେଇ ମଧ ବିଲ୍‌ରେ ପ୍ରସ୍ତାବ ରହିଥିବା ସେ ଗୃହକୁ ସୂଚନା ଦେଇଥିଲେ।

ଆଜି ପୂର୍ବାହ୍ନ ୧୧ଟାରେ ଗୃହରେ ଅଧ୍ୟକ୍ଷତା କରୁଥିବା ଏନ୍.କେ ପ୍ରେମାଚନ୍ଦ୍ରନ୍ ପ୍ରଶ୍ନକାଳ ଆରମ୍ଭ କରିବା ଲାଗି ଉଦ୍ୟମ କରିଥିଲେ ମଧ ବିରୋଧୀ ସଦସ୍ୟମାନେ ଗୃହରେ ସ୍ଲୋଗାନ ଦେବା ସହ ହଟ୍ଟଗୋଳ କରିଥିଲେ । ଗୃହକାର୍ଯ୍ୟ ସମ୍ଭବ ନ ହେବାରୁ ଶ୍ରୀ ପ୍ରେମାଚନ୍ଦ୍ରନ୍ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ । ମଧ୍ୟାହ୍ନ ୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ପରିସ୍ଥିତି ପୂର୍ବଭଳି ଜାରି ରହିବାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା।

ରାଜ୍ୟସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ନେଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକାର୍ଯ୍ୟ ମୁଲତବୀ ରହିଥିଲା।

ଆଜି ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିଭିନ୍ନ ବିଭାଗୀୟ ମନ୍ତ୍ରୀ ସେମାନଙ୍କ ମନ୍ତ୍ରଣାଳୟ ସଂପର୍କିତ ଦସ୍ତାବିଜ ଗୃହରେ

ଉପସ୍ଥାପନ କରିଥିଲେ । ତେବେ ବିରୋଧୀ ଦଳ ସଦସ୍ୟମାନେ ସ୍ଲୋଗାନ ଦେବା ଜାରି ରଖିବାରୁ ପ୍ରଥମେ ଗୃହକୁ ଅଧ୍ୟକ୍ଷ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏବଂ ପରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା।

ଏବେ ଉଭୟ ସଦନର କାର୍ଯ୍ୟ ଜାରି ରହିଥିବା ଜଣାପଡ଼ିଛି।

HS

## ସାର ମହଜୁଦ

ରାଜ୍ୟରେ ସାର କଳାବଜାରୀକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁଛନ୍ତି। କଳାବଜାରୀ ଯାଞ୍ଚ ପାଇଁ ଏକ କ୍ରିୟାନୁଷ୍ଠାନ ଦଳ ସରକାର ଗଠନ କରିଛନ୍ତି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟରେ ଏବେ ୨ ଲକ୍ଷ ୩୭ ହଜାର ୨୦୨ ଟନ୍ ସାର ମହଜୁଦ ରହିଛି। ୨ ଲକ୍ଷ ୬ ହଜାର ୩୬୮ ଟନ୍ ସାର ପାକ୍ସଗୁଡ଼ିକୁ ବଣ୍ଟନ କରାଯିବା ସହ ୧ ହଜାର ୪୨୬ ଟନ୍ ଡିଲରଙ୍କୁ ଦିଆଯାଇଛି। ୨୯ ହଜାର ଟନ୍ ସାର ସଂରକ୍ଷିତ କରି ରଖାଯାଇଛି ବୋଲି ଶ୍ରୀ ବଳସାମନ୍ତ କହିଛନ୍ତି।

HS

## ଏଗ୍ରିଷ୍ଟାକ୍ ପରିଚୟପତ୍ର

ଏଗ୍ରିଷ୍ଟାକ୍ ପରିଚୟପତ୍ର ବାଧ୍ୟତାମୂଳକ ନୁହେଁ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସ୍ପଷ୍ଟ କରିଛନ୍ତି। ଚାଷୀଙ୍କ ସୁବିଧା ପାଇଁ ଏହି କାର୍ଡକୁ ପ୍ରଚଳନ କରାଯାଇଛି। ଅତିକମ୍‌ରେ ୧୦ ଲକ୍ଷ ଚାଷୀଙ୍କୁ ଏଗ୍ରିଷ୍ଟାକ କାର୍ଡ

ପ୍ରଦାନ କରିବାକୁ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି । ତେବେ ଏହି କାର୍ଡ ନଥିଲେ ମଧ୍ୟ ଚାଷୀ ଧାନ ବିକ୍ରି କରିପାରିବେ । ଭବିଷ୍ୟତରେ ମଧ୍ୟ ଧାନବିକ୍ରି ତଥା ସାର କ୍ରୟ ଏବଂ ଅନ୍ୟାନ୍ୟ ସମସ୍ତ ପ୍ରକାର ଆନୁଷଙ୍ଗିକ ସୁବିଧା ସୁଯୋଗ ଏଗ୍ରିଷ୍ଟାକ୍ କାର୍ଡ ନ ଥିବା ଚାଷୀ ପାଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି ।

ଅନ୍ୟପକ୍ଷରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଆବଶ୍ୟକ ସ୍ଥଳେ ଏଗ୍ରିଷ୍ଟାକ କାର୍ଡ ପାଇଁ ସରକାର ଚାଷୀଙ୍କ ପାଖକୁ ଯିବେ । ସମବାୟ ସଂସ୍ଥାକୁ ଆସି ନ ପାରୁଥିବା ଚାଷୀଙ୍କ ପାଖକୁ ସରକାରୀ ଅଧିକାରୀ ଯାଇ ଏହି କାର୍ଡ ପ୍ରସ୍ତୁତିର ବ୍ୟବସ୍ଥା କରିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ଆଧାରକାର୍ଡ ଭଳି ଚାଷୀଙ୍କୁ ଏହି କାର୍ଡ ବା ପରିଚୟ ପତ୍ର ପ୍ରଦାନ କରାଯିବ । ଏଥିପାଇଁ କୃଷି, ରାଜସ୍ୱ ଓ ସମବାୟ ବିଭାଗର ଅଧିକାରୀ ସମନ୍ୱୟ ରକ୍ଷା ମାଧ୍ୟମରେ କାର୍ଯ୍ୟ କରିବେ ବୋଲି ସେ ସୂଚନା ଦେଇଛନ୍ତି । ଏଥିପାଇଁ ମନ୍ତ୍ରିସ୍ତରୀୟ ବୈଠକରେ ଆଲୋଚନା ହୋଇଥିବା ଶ୍ରୀ ପୂଜାରୀ କହିଛନ୍ତି ।

Desk

## ସିଂହ ଦିବସ

ଜୈବ ବିବିଧତା ଏବଂ ପରିବେଶ ସନ୍ତୁଳନରେ ସିଂହଙ୍କ ଗୁରୁତ୍ୱ ଓ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ  ଆଜି ବିଶ୍ୱ ସିଂହ ଦିବସ ପାଳନ କରାଯାଉଛି । ୨୦୧୩ ଅଗଷ୍ଟ ୧୦ ତାରିଖରେ ପ୍ରଥମ

ବିଶ୍ୱ ସିଂହ ଦିବସ ପାଳନ କରାଯାଇଥିଲା। ପଶ୍ଚିମ, ମଧ୍ୟ ଓ ପୂର୍ବ ଆଫ୍ରିକାରେ ସିଂହଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଉଛି। ୨୦୨୫ରେ କରାଯାଇଥିବା ଗଣନା ଅନୁଯାୟୀ, ଦେଶରେ ସିଂହଙ୍କ ସଂଖ୍ୟା ୮୯୧ ରହିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦିବସ ପାଳନ ଅବସରରେ କହିଛନ୍ତି, ଭାରତରେ ଏସୀୟ ସିଂହ ସଂଖ୍ୟା ବୃଦ୍ଧି ପାଉଛି। ସିଂହଙ୍କର ବାସସ୍ଥାନ ଏବଂ ପରିସର ମଧ୍ୟ ବୃଦ୍ଧି ପାଉଛି। କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଦ୍ୱାରା ଲିଖିତ ଏକ ଆଲେଖ୍ୟ ଉପରେ ଆଲୋକପାତ କରି ଶ୍ରୀ ମୋଦୀ' ଦେଶର ବନ୍ୟପ୍ରାଣୀଙ୍କର ସଂରକ୍ଷଣ ଏବଂ ସୁରକ୍ଷା ଦିଗରେ ସରକାରଙ୍କ ଅଙ୍ଗୀକାରବଦ୍ଧତା ଉପରେ ବର୍ଣ୍ଣନା କରିଛନ୍ତି। ସ୍ଥାନୀୟ ସମ୍ପ୍ରଦାୟଙ୍କ ଅଂଶଗ୍ରହଣ ଦ୍ୱାରା ଏହା ଅଧିକ ଗତିଶୀଳ ହୋଇପାରୁଛି। ସିଂହ ପ୍ରଜାତିକୁ ଆଗାମୀ ପିଢ଼ି ପାଇଁ ସଂରକ୍ଷିତ ରଖିବା ଏକ ପ୍ରେରଣାଦାୟକ ପଦକ୍ଷେପ ବୋଲି ଶ୍ରୀ ମୋଦୀ କହିଛନ୍ତି। ଦେଶରେ ୨୦୨୦ ମସିହାରେ ସିଂହଙ୍କ ବିଚରଣ ପରିସର ୩୦ ହଜାର ବର୍ଗ କିଲୋମିଟର ଥିବାବେଳେ ଏବେ ୩୫ ହଜାର ବର୍ଗ କିଲୋମିଟରରୁ ଅଧିକ ବ୍ୟାପକ ହୋଇଛି। ୧୧ଟି ଜିଲ୍ଲା ଏଥିରେ ସାମିଲ ଥିବା ଶ୍ରୀ ମୋଦୀ ସୂଚନା ଦେଇଛନ୍ତି।

Desk

## ବିଶ୍ୱ ଜୈବଇନ୍ଧନ ଦିବସ

ବିଶ୍ୱ ଜୈବଇନ୍ଧନ ଦିବସ ଆଜି ପାଳନ କରାଯାଉଛି। ସ୍ୱଚ୍ଛ, ଆତ୍ମନିର୍ଭର ଏବଂ ସ୍ଥାୟୀ ଶକ୍ତି ଭବିଷ୍ୟତ ଗଠନ କରିବା  ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସିଂହଦେଓ କହିଛନ୍ତି, ଜୈବ ଇନ୍ଧନ ପଦକ୍ଷେପ ଶକ୍ତି ସୁରକ୍ଷା ଓ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତାକୁ ହ୍ରାସ କରିବ। ସବୁଜ ଅର୍ଥନୀତି ଗଠନ ଦିଗରେ ଏହା ବେଶ୍ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଦିବସ ଆମକୁ ନବସୃଜନକୁ ତ୍ୱରାନ୍ୱିତ କରିବା ଏବଂ ପରିବେଶ ସନ୍ତୁଳିତ ଭବିଷ୍ୟତ ଗଠନରେ ଉତ୍ସାହିତ କରିଥାଏ ବୋଲି ସେ କହିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏହି ଦିବସ ଅବସରରେ ପରିବେଶ ଏବଂ ସୁରକ୍ଷିତ ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ମହାଲିଙ୍ଗ ଜୈବ ଇନ୍ଧନ ବ୍ୟବହାର ସମ୍ପର୍କରେ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି।

Rayagada/Bhadrak

## ଜଳାଭିଷେକ

ଶ୍ରାବଣ ମାସ ଦ୍ୱିତୀୟ ସୋମବାର ଅବସରରେ ଭଦ୍ରକ ଜିଲ୍ଲା ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠରେ ବହୁ ବୋଲବମ୍ ଭକ୍ତ ଜଳାଭିଷେକ କରିଛନ୍ତି। ଜିଲ୍ଲା ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଗ୍ରହଣ କରାଯାଇଥିଲା। ଆରଡ଼ିର ରାସ୍ତାର କୋଠାରଠାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉପସ୍ଥିତ ରହି କାଉଡ଼ିଆଙ୍କର ପାଦ ଧୋଇ ସେବା ପ୍ରଦାନ କରିଛନ୍ତି। ଶ୍ରୀ ସୁରଜ କହିଛନ୍ତି, ବହୁ ରାସ୍ତା ଅତିକ୍ରମ କରି ଜଳାଭିଷେକ କରୁଥିବା ଶ୍ରଦ୍ଧାଳୁଙ୍କୁ  ସହଯୋଗ ପ୍ରଦାନ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଜିଲ୍ଲାର ବିଭିନ୍ନ ଶୈବପୀଠରେ ମଧ୍ୟ ଜଳାଭିଷେକ ଲାଗି ଶ୍ରଦ୍ଧାଳୁଙ୍କର ଭିଡ଼ ହୋଇଥିବା ଆମ ଭଦ୍ରକ ସମ୍ବାଦଦାତା ସୂଚନା ଦେଇଛନ୍ତି।

ଭୁବନେଶ୍ୱର, କଟକ, ପୁରୀ, ନୟାଗଡ଼, ଢେଙ୍କାନାଳ ଓ ରାୟଗଡ଼ା ସମେତ ରାଜ୍ୟର ବିଭିନ୍ନ ପ୍ରମୁଖ ଶୈବପୀଠଗୁଡ଼ିକରେ ଆଜି ଭୋର୍‌ରୁ କାଉଡ଼ିଆଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି।

Nuapada

## ସାର କଳାବଜାରୀ

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଜିଲ୍ଲାରେ ସାର କଳାବଜାରୀକୁ ରୋକିବା ନେଇ କ୍ଷେତ୍ରସ୍ତରୀୟ ସମୀକ୍ଷା କରିଛନ୍ତି। ବିଭିନ୍ନ ଖୁଚୁରା ଦୋକାନ ଓ ଗୋଦାମ ଘରେ ପରିଦର୍ଶନ କରିବା ସହ ସାର ମହଜୁଦ ଏବଂ ବିକ୍ରି ଉପରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଛନ୍ତି। ସାରର ଉପଲବ୍ଧତା ନେଇ ମଧ୍ୟ ଜିଲ୍ଲାପାଳ ଚାଷୀଙ୍କ ସହ ମତବିନିମୟ କରିଥିବା ଜଣାପଡ଼ିଛି।

Ganjam

## ଜଳଯୋଗାଣ

ଗଞ୍ଜାମ ଜିଲ୍ଲାର ଜୟମଙ୍ଗଳ କେନାଲର ଜଳ ଛଡ଼ାଯାଇଛି। ସେହିପରି ଋଷିକୂଲ୍ୟା ନଦୀର ୧୫ ଓ ୧୬ ନମ୍ବର କେନାଲ ମଧ୍ୟ ପର୍ଯ୍ୟାୟକ୍ରମେ ଜଳଯୋଗାଣ ଜାରି ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜଳଯୋଗାଣ ଯୋଗୁଁ ଜିଲ୍ଲାର କୃଷି କ୍ଷେତ୍ରକୁ ବ୍ୟାପକ ସହଯୋଗ ମିଳିପାରିବ। ହଜାର ହଜାର ଏକର ଚାଷଜମି ଜଳସେଚନ ସୁବିଧା ପାଇବା ସହିତ ଫସଲ ଉତ୍ପାଦନ ବୃଦ୍ଧି ପାଇବ ବୋଲି ଚାଷୀ ଆଶାବ୍ୟକ୍ତ କରିଛନ୍ତି।

Boudh/Koraput/Subarnpur/Nabarangpur

## ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ

ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଉତ୍ସାହ ଓ ଉଦ୍ଦୀପନାର ସହ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ଉପଲକ୍ଷେ ଆୟୋଜିତ ଏକ ସମାରୋହରେ ଯୋଗଦେଇ ଅଭିଯାନର ଶୁଭାରମ୍ଭ କରିଛନ୍ତି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଏହି ଅଭିଯାନ ଜିଲ୍ଲାରେ ଆରମ୍ଭ ହୋଇଛି। ସମାରୋହରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଗୌରୀଶଙ୍କର ମାଝୀ' ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନର ସଦସ୍ୟ

ଅଂଶଗ୍ରହଣ କରିଥିଲେ। ଶେଷରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ବିନିକା ବିଜ୍ଞପ୍ତିତ ଅଞ୍ଚଳରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାନଦୀରେ ପାପକ୍ଷୟ ଘାଟରୁ ବାହାରିଥିବା ଏହି ପଦଯାତ୍ରା ସିଦ୍ଧାର୍ଥ ମହାବିଦ୍ୟାଳୟଠାରେ ପହଁଞ୍ଚିଥିଲା।

ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅବସରରେ ଏକ ବାଇକ୍ ର୍ୟାଲି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ବାହାରିଥିବା ଏହି ବାଇକ୍ ର୍ୟାଲି ସହର ପରିକ୍ରମା କରିଛି।

କୋରାପୁଟରେ ମଧ୍ୟ 'ହର୍ ଘର୍ ତିରଙ୍ଗା' ଅଭିଯାନ ଅଧୀନରେ ଏକ ଶୋଭାଯାତ୍ରା ପୁଲିସ ପଡ଼ିଆଠାରୁ ବାହାରି ସ୍ପୋର୍ଟସ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ଯାଇଥିଲା।

Boudh/Koraput/Subarnpur/Nabarangpur

## ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ

ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଉତ୍ସାହ ଓ ଉଦ୍ଦୀପନାର ସହ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ଉପଲକ୍ଷେ ଆୟୋଜିତ ଏକ ସମାରୋହରେ ଯୋଗଦେଇ ଅଭିଯାନର ଶୁଭାରମ୍ଭ କରିଛନ୍ତି। ବିଶିଷ୍ଟ

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଏହି ଅଭିଯାନ ଜିଲ୍ଲାରେ ଆରମ୍ଭ ହୋଇଛି। ସମାରୋହରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଗୌରୀଶଙ୍କର ମାଝୀ' ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଶେଷରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ବିନିକା ବିଜ୍ଞପ୍ତିତ ଅଞ୍ଚଳରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାନଦୀରେ ପାପକ୍ଷୟ ଘାଟରୁ ବାହାରିଥିବା ଏହି ପଦଯାତ୍ରା ସିଦ୍ଧାର୍ଥ ମହାବିଦ୍ୟାଳୟଠାରେ ପହଁଞ୍ଚିଥିଲା।

ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅବସରରେ ଏକ ବାଇକ୍ ର୍‍ୟାଲି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ବାହାରିଥିବା ଏହି ବାଇକ୍ ର୍‍ୟାଲି ସହର ପରିକ୍ରମା କରିଛି।

କୋରାପୁଟରେ ମଧ୍ୟ 'ହର୍ ଘର୍ ତିରଙ୍ଗା' ଅଭିଯାନ ଅଧୀନରେ ଏକ ଶୋଭାଯାତ୍ରା ପୁଲିସ ପଡ଼ିଆଠାରୁ ବାହାରି ସ୍ପୋର୍ଟସ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ଯାଇଥିଲା।

Desk

## ପାଣିପାଗ

ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇଯାଇଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି। ଗତ ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ ଜିଲ୍ଲାର ପାତ୍ରପୁରଠାରେ ସର୍ବାଧିକ ୮୦ ଦଶମିକ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଅଞ୍ଚଳରେ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ପ୍ରତିକୂଳ ପାଗ ଯୋଗୁଁ ସମୁଦ୍ର ଅଶାନ୍ତ ରହୁଥିବାରୁ ଆସନ୍ତାକାଲିଠାରୁ ୧୪ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି।